# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 24 September - 2024

### News Editor : Itishree Singh Rathaur

*********************************

## ମୁଖ୍ୟ ସମ୍ବାଦ

- ଦକ୍ଷତା ବିକାଶକୁ ଆଗାମୀ ଦିନରେ ଆନ୍ଦୋଳନରେ ପରିଣତ କରାଯିବ; କହିଲେ, ମୁଖ୍ୟମନ୍ତ୍ରୀ

— ବିଶ୍ୱ ଦକ୍ଷତା ପ୍ରତିଯୋଗିତାରେ ଭାଗ ନେଇଥିବା ପ୍ରତିଯୋଗୀଙ୍କୁ କଲେ ସମ୍ବର୍ଦ୍ଧିତ

- ଚଳିତବର୍ଷ ରାଜ୍ୟର ୧୨ ଲକ୍ଷ ୫୦ ହଜାର ଏକର ଜମିରେ ହେବ ଚାଷକାର୍ଯ୍ୟ

- ଶ୍ରୀମନ୍ଦିର ସମେତ ରାଜ୍ୟର ବିଭିନ୍ନ ଶକ୍ତିପୀଠରେ ଆରମ୍ଭ ହେଲା ଷୋଡଶ ଦିନାତ୍ମକ ପୂଜା

ଏବଂ

- ଲଘୁଚାପ ପ୍ରଭାବରେ ବର୍ଷା ହେବା ନେଇ ୨୦ଟି ଜିଲ୍ଲାକୁ ସତର୍କ ସୂଚନା ଜାରି

— ସର୍ବୋଚ୍ଚ ଜଳସ୍ତର ଛୁଇଁଲା ହୀରାକୁଦ ଜଳଭଣ୍ଡାର

## ୱାର୍ଲ୍ଡ ସ୍କିଲ୍ ଲାୟନ୍ ପ୍ରତିଯୋଗିତା

ଦକ୍ଷ ଯୁବଶକ୍ତି ବିକଶିତ ଓଡ଼ିଶାର ପ୍ରକୃତ ସାରଥୀ ହେବେ। ଆଗାମୀ ଦିନରେ ଦକ୍ଷତା ବିକାଶକୁ ଏକ ଆନ୍ଦୋଳନରେ ପରିଣତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଭୁବନେଶ୍ୱର ଲୋକସେବା ଭବନରେ ବିଶ୍ୱ ଦକ୍ଷତା ପ୍ରତିଯୋଗିତାରେ ଭାଗ ନେଇଥିବା ପ୍ରତିଯୋଗୀମାନଙ୍କୁ ସମ୍ବର୍ଦ୍ଧିତ  କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ଯୁବଶକ୍ତିର ଦକ୍ଷତା ଆମର ଶକ୍ତି ଓ ଗୌରବ। ପ୍ରତ୍ୟେକ କ୍ଷେତ୍ରରେ ଦକ୍ଷତାର ବିକାଶ ପାଇଁ ଉଦ୍ୟମ ଜାରି ରହିବ। ରାଜ୍ୟରେ ଦକ୍ଷତାର ବିକାଶ ପାଇଁ 'ସିଏମ୍ ଆସ୍ପାୟାର' ଯୋଜନା ଆରମ୍ଭ କରାଯାଇଛି। ଏଥିରେ ଶିଳ୍ପ କ୍ଷେତ୍ରରେ ନିଯୁକ୍ତି ପାଇଁ ଛାତ୍ରଛାତ୍ରୀଙ୍କୁ ପ୍ରଶିକ୍ଷଣ ଦିଆଯିବ। ଏହାସହ ଦକ୍ଷତା ବିକାଶ କାର୍ଯ୍ୟକ୍ରମର ବିକେନ୍ଦ୍ରୀକରଣ କରାଯାଇ ଜିଲ୍ଲାସ୍ତରରେ ନୂଆ ଓଡ଼ିଶା ଜିଲ୍ଲା ଦକ୍ଷତା କେନ୍ଦ୍ର ଖୋଲାଯାଉଛି ବୋଲି ଶ୍ରୀ ମାଝୀ କହିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ପ୍ରତିଯୋଗିତାରେ ବ୍ରୋଞ୍ଜ ପଦକ ବିଜେତା ଅମରେଶ ସାହୁଙ୍କୁ ୨୫ ଲକ୍ଷ ଟଙ୍କା ପୁରସ୍କାର ପ୍ରଦାନ କରିଛନ୍ତି। ସେହିଭଳି ମେଡାଲିୟନ୍ ଫର ଏକ୍ସଲେନ୍ସ ପୁରସ୍କାର ବିଜେତା ଗେଡେଲା ଅଖିଳଙ୍କୁ ୫ ଲକ୍ଷ ଟଙ୍କା ପୁରସ୍କାର ଦିଆଯାଇଛି। ସୂଚନା ଅନୁସାରେ ଫ୍ରାନ୍ସର ଲିଅନ୍‌ଠାରେ ଗତ  ୧୦ରୁ ୧୫ ତାରିଖ ପର୍ଯ୍ୟନ୍ତ ବିଶ୍ୱ ଦକ୍ଷତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଓଡ଼ିଶାରୁ ୧୫ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ।

## ଜାତୀୟ ଶିକ୍ଷକ ଦିବସ- ପୁରସ୍କାର

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଲୋକସେବା ଭବନରେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ୨ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ଏହି ଅବସରରେ ସେ କହିଛନ୍ତି, ରାଜ୍ୟ ଶିକ୍ଷା ବ୍ୟବସ୍ଥାରେ ଉନ୍ନତ ଭିତ୍ତିଭୂମି ସହ ସର୍ବୋତ୍ତମ ଶିକ୍ଷାଦାନ ପ୍ରଣାଳୀକୁ ସରକାର ଗୁରୁତ୍ୱ ଦେଉଛନ୍ତି। ଶିକ୍ଷା ଭିତ୍ତିଭୂମିର ସୁଦୃଢ଼ୀକରଣ ପାଇଁ ବଜେଟ୍‌ରେ ବ୍ୟବସ୍ଥା କରାଯାଇଛି। ଆଗାମୀ ଦିନରେ ଶିକ୍ଷା କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଅଣାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟ ସଚିବ ମନୋଜ ଆହୂଜା, ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗ ପ୍ରମୁଖ ସଚିବ ବିଷ୍ଣୁପଦ ସେଠୀଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

ସୂଚନା ଅନୁସାରେ, କଳାହାଣ୍ଡି ଜିଲ୍ଲା ଜୟଦୁର୍ଗା ଉଚ୍ଚବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ସନ୍ତୋଷ କୁମାର କର ଏବଂ ରାୟଗଡ଼ା ବିଲେସୁ ସରକାରୀ ଉଚ୍ଚ ବିଦ୍ୟାଳୟର କଳା ଶିକ୍ଷକ ଡକ୍ଟର ଦ୍ୱିତୀଚନ୍ଦ୍ର ସାହୁ ଚଳିତବର୍ଷ ଜାତୀୟ ଶିକ୍ଷକ ଦିବସ ଅବସରରେ ରାଷ୍ଟ୍ରପତି ପୁରସ୍କାର ପାଇଥିଲେ।

## ମୁଖ୍ୟମନ୍ତ୍ରୀ-ଚାଷକାର୍ଯ୍ୟ

ରାଜ୍ୟ ସରକାର କୃଷି ତଥା କୃଷକଙ୍କ ବିକାଶ ପାଇଁ ପ୍ରତିବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଚାଷ କାର୍ଯ୍ୟକୁ ପ୍ରୋତ୍ସାହନ ଦେବା ସହ ଚଳିତ ଆର୍ଥିକବର୍ଷରେ ରାଜ୍ୟର ୧୨ ଲକ୍ଷ ୫୦ ହଜାର ଏକର ଜମିରେ ଚାଷ କାର୍ଯ୍ୟ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏଥିପାଇଁ ମୋଟ୍ ୨୫୨ କୋଟି ୯୦ ଲକ୍ଷ ଟଙ୍କା ବ୍ୟୟ ବରାଦ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ ସାମାଜିକ ଗଣମାଧ୍ୟମରେ ଉଲ୍ଲେଖ କରିଛନ୍ତି।

## ସ୍ୱଭାବ ସ୍ୱଚ୍ଛତା ସଂସ୍କାର ସ୍ୱଚ୍ଛତା

ଦେଶରେ 'ସ୍ୱଭାବ ସ୍ୱଚ୍ଛତା ସଂସ୍କାର ସ୍ୱଚ୍ଛତା' ଅଭିଯାନ ମାଇଲଖୁଣ୍ଟି ଅତିକ୍ରମ କରିଛି । ଏହି ଅଭିଯାନ ଆରମ୍ଭ ହେବାର ମାତ୍ର ୭ ଦିନ ମଧ୍ୟରେ ନିର୍ଦ୍ଧାରିତ ୨୫ ପ୍ରତିଶତ ସ୍ଥାନକୁ ସ୍ୱଚ୍ଛ ସ୍ଥାନରେ ପରିଣତ କରି ସୌନ୍ଦର୍ଯ୍ୟକରଣ କରାଯାଇଛି । ଏହି ଅଭିଯାନ ଅଧିନରେ ସ୍ୱଚ୍ଛତାରେ ଜନଭାଗିଦାରୀ, ସଫେଇ ମିତ୍ର ସୁରକ୍ଷା ଶିବିର ଭଳି ଦେଶବ୍ୟାପୀ ୧୫ ଲକ୍ଷରୁ ଅଧିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି ।

## ସୂର୍ଯ୍ୟମନ୍ଦିର-ଜିପିଆର ସ୍କାନିଂ

କୋଣାର୍କ ସୂର୍ଯ୍ୟମନ୍ଦିରର ବାହ୍ୟ ଅଞ୍ଚଳରେ ଜିପିଆର ସ୍କାନିଂ ସର୍ବେକ୍ଷଣ ଆଜି ମଧ୍ୟ ଜାରି ରହିଛି । ମନ୍ଦିରର ଗର୍ଭଗୃହ ଏବଂ ବାହାର ପାଖର କିଛି ଅଞ୍ଚଳକୁ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା-ଏଏସ୍ଆଇର ବୈଷୟିକ ଦଳ ଗତକାଲି ୪ ଘଣ୍ଟା ଧରି ସର୍ବେକ୍ଷଣ କରିଥିଲେ । ମନ୍ଦିର ପ୍ରାଙ୍ଗଣ ତଳେ କିଛି ନିର୍ମିତ ଅଂଶବିଶେଷ ରହିଥିବା ପ୍ରାଥମିକ ଆକଳନରୁ ଜଣାପଡିଛି ବୋଲି ଏଏସ୍ଆଇ ସୂଚନା ଦେଇଛି । ତେବେ ସବିଶେଷ ରିପୋର୍ଟ ହସ୍ତଗତ ହେବା ପରେ ସମ୍ପୂର୍ଣ୍ଣ ତଥ୍ୟ ଜଣାପଡିବ । ଏଏସ୍ଆଇ ପୁରୀ ସର୍କଲର ଅଧୀକ୍ଷକ ଡି.ବି. ଗଡନାୟକ ଏବଂ ଡେପୁଟୀ ଇଞ୍ଜିନିୟର ଡକ୍ଟର ଚିତ୍ତରଞ୍ଜନ ଦାସଙ୍କ ନେତୃତ୍ୱରେ ହାଇଦ୍ରାବାଦର ଏନ୍.ଜି.ଆର.ଆଇ ସଂସ୍ଥାର ୩ ଜଣିଆ ବୈଜ୍ଞାନିକ ଦଳ ଏହି ସର୍ଭେ କାର୍ଯ୍ୟରେ ସାମିଲ ଅଛନ୍ତି ।

## ଷୋଡଶ ଦିନାତ୍ମକ ପୂଜା

ଶ୍ରୀକ୍ଷେତ୍ର **ପୁରୀ**ର  ଅଧିଷ୍ଠାତ୍ରୀ ଦେବୀ ମା’ ବିମଳାଙ୍କ ସମେତ ଅନ୍ୟାନ୍ୟ ଦେବୀପୀଠଗୁଡ଼ିକରେ ଷୋଡଶ ଦିନାତ୍ମକ ପୂଜା ଆଜିଠାରୁ ଆରମ୍ଭ ହୋଇଛି । ପରମ୍ପରା ଅନୁଯାୟୀ, ଗଜପତି ମହାରାଜା ଶ୍ରୀଦିବ୍ୟସିଂହଦେବ ଶ୍ରୀନଅରରେ ଶ୍ରୋତ୍ରୀୟ ବ୍ରାହ୍ମଣଙ୍କୁ ବରଣ କରିଛନ୍ତି । ଷୋଳ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ପୂଜା ପାଇଁ ରାଜଗୁରୁ, ଦେଉଳ ପୁରୋହିତ, ଗଜପତି ମହାରାଜାଙ୍କ ଶ୍ରୀହସ୍ତରୁ ଆଁ ଗୁଆ ଏବଂ ନଡିଆ ଆଚାର୍ଯ୍ୟମାନଙ୍କୁ ପ୍ରଦାନ କରିଛନ୍ତି । ୨୧ ଜଣ ଆଚାର୍ଯ୍ୟଙ୍କୁ ବରଣ କରାଯାଇଛି । ରୀତିନୀତି ଅନୁଯାୟୀ, ପୁରୀରେ ଥିବା ବିଭିନ୍ନ ଶକ୍ତିପୀଠଗୁଡ଼ିକରେ ଏହି ଆଚାର୍ଯ୍ୟମାନେ ଚଣ୍ଡିପାଠ, ଦୁର୍ଗା ଆରାଧନା ଆଦି କରିବେ ।

କଟକର ଅଧିଷ୍ଠାତ୍ରୀ ଦେବୀ ମା’ କଟକଚଣ୍ଡୀ, ଗଡଚଣ୍ଡୀଙ୍କ ସମେତ ରାଜ୍ୟର ବିଭିନ୍ନ ଶକ୍ତିପୀଠଗୁଡ଼ିକରେ ଆଜିଠାରୁ ଷୋଡଶ ଦିନାତ୍ମକ ପୂଜା ଆରମ୍ଭ ହୋଇଛି ।

## ମନ୍ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୨୯ ତାରିଖ ଦିନ ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେବେ । ଏଥିପାଇଁ ପ୍ରଧାନମନ୍ତ୍ରୀ ଲୋକମାନଙ୍କୁ ସେମାନଙ୍କର ମତାମତ ଦେବାକୁ ଅନୁରୋଧ କରିଛନ୍ତି । ଜନସାଧାରଣ ନମୋ ଆପ୍ ଓ My Gov ପୋର୍ଟାଲ୍‌ରେ ସେମାନଙ୍କର ମତାମତ ଦେଇ ପାରିବେ । ଏହା ବ୍ୟତୀତ ସେମାନେ 1800-11-7800 ଡାଏଲ୍ କରି ସେମାନଙ୍କର ମତାମତ ରେକର୍ଡ

କରିପାରିବେ । ସେମାନେ 1922 କୁ ମିସ୍‌ଡ କଲ୍ ଦେଇ SMS ଅନୁସାରେ ନିଜର ମତାମତ ଦେଇପାରିବେ ।

ମନ୍ କି ବାତ୍ କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ ନେଟ୍‌ୱର୍କ, ଆକାଶବାଣୀ ସମ୍ବାଦ ୱେବ୍‌ସାଇଟ୍ ଓ ନ୍ୟୁଜ୍ ଅନ୍ ଏ.ଆଇ.ଆର୍. ମୋବାଇଲ୍ ଆପ୍‌ରେ ଉପଲବ୍ଧ ହେବ । ଏହା ଆକାଶବାଣୀ ସମ୍ବାଦ, ଡି.ଡି. ନ୍ୟୁଜ୍, ପି.ଏମ୍.ଓ. ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ଲାଇଭ୍ ଷ୍ଟ୍ରିମିଙ୍ଗ୍ ହେବ । ହିନ୍ଦୀ ପ୍ରସାରଣ ପରେ ପରେ ଆକାଶବାଣୀ କାର୍ଯ୍ୟକ୍ରମର ଆଞ୍ଚଳିକ ଭାଷାନ୍ତରଣର ପ୍ରସାରଣ କରିବ । ରାତି ୮ଟାରେ ଅାଂଚଳିକ ଭାଷାନ୍ତରଣର ପୁନଃପ୍ରସାରଣ କରାଯିବ।

## ପୋଷଣ ମାସ

କେନ୍ଦ୍ର ସରକାରଙ୍କ ସୂଚନା ପ୍ରସାରଣ ମନ୍ତ୍ରଣାଳୟ ଏବଂ ବାଲେଶ୍ୱର କେନ୍ଦ୍ରୀୟ ସଂଚାର ବ୍ୟୁରୋ ପକ୍ଷରୁ ଜାତୀୟ ପୋଷଣ ମାସ ପାଳନ ଅବସରରେ ଭଦ୍ରକ ଜିଲ୍ଲା ବ୍ରହ୍ମପୁର ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ବିଧାୟକ ସିତାଂଶୁ ଶେଖର ମହାପାତ୍ର, ବାଲେଶ୍ୱର କ୍ଷେତ୍ର ପ୍ରଚାର ଅଧିକାରୀ ନିର୍ମାଲ୍ୟ ବେହେରା, ସରପଞ୍ଚ ନରହରି ସାହୁ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ପୁଷ୍ପଲତା ପାତ୍ର, ଅଧ୍ୟାପକ ଶୁଭେନ୍ଦୁ ବରାଳ ପ୍ରମୁଖ ଯୋଗଦେଇ ମାଆ ଓ ଶିଶୁଙ୍କ ସ୍ୱାସ୍ଥ୍ୟର ଯତ୍ନ ସମ୍ପର୍କରେ ଆଲୋଚନା କରିଥିଲେ।

ଏଥିସହ ସ୍ୱଚ୍ଛତା ପାଇଁ ଶପଥପାଠ କରି ମାଆମାନଙ୍କୁ ପୁଷ୍ଟିକର ଖାଦ୍ୟ, ଶିଶୁଙ୍କୁ ସ୍ତନ୍ୟପାନ, ରକ୍ତହୀନତାକୁ ଦୂରେଇବା ସହ ମାଆ ଓ ଶିଶୁଙ୍କ ଯତ୍ନ ନେବା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ପରିବାରର ସବୁ ସଦସ୍ୟଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ମା' ପାଇଁ ଗଛଟିଏ ଲଗାଇବାକୁ ସମସ୍ତଙ୍କୁ ନିବେଦନ କରାଯାଇଥିଲା।

## ବୈଠକ-ତାପଜ ବିଦ୍ୟୁତ୍ କେନ୍ଦ୍ର

**ଝାରସୁଗୁଡ଼ା** ଓ ସମ୍ବଲପୁର ଜିଲ୍ଲା ସୀମାନ୍ତରେ ପ୍ରସ୍ତାବିତ କେନ୍ଦ୍ର ସରକାରଙ୍କ ନବରତ୍ନ କମ୍ପାନୀ-ଏନ୍.ଆଇ.ସି.ଆଇ.ଏଲ୍.ର ତାପଜ ବିଦ୍ୟୁତ୍ କେନ୍ଦ୍ର ପାଇଁ ଜମି ଅଧିଗ୍ରହଣ ପ୍ରକ୍ରିୟା ଚାଲିଛି। ଏଥିପାଇଁ ଆଜି ଝାରସୁଗୁଡ଼ାରେ ଚତୁର୍ଥ ଆର.ପି.ଡି.ଏ.ସି. ବୈଠକ ଅନୁଷ୍ଠିତ ହୋଇଛି। ବିସ୍ଥାପିତ ହେବାକୁ ଥିବା ସମସ୍ତ ଲୋକଙ୍କୁ ସରକାରଙ୍କ ନିୟମ ଅନୁସାରେ ଥଇଥାନ କରାଯିବା ନେଇ ବୈଠକରେ ବିସ୍ତୃତ ଆଲୋଚନା ହୋଇଥିଲା। ଏପରିକି ପ୍ରକଳ୍ପ ଅଞ୍ଚଳରେ ସରକାରୀ ଜମିରେ ବସବାସ କରୁଥିବା ୪୦ଟି ପରିବାରକୁ ମଧ୍ୟ ବିସ୍ଥାପନ ବାବଦକୁ କ୍ଷତିପୂରଣ ବୈଠକରେ ନିଷ୍ପତ୍ତି ହୋଇଛି। ଝାରସୁଗୁଡ଼ା ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସ୍ଥାନୀୟ ବିଧାୟକ, ବରଗଡ଼ ସାଂସଦ, କମ୍ପାନୀର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଜାତୀୟ ସେବା ଯୋଜନା ଦିବସ

**ନୂଆପଡ଼ା** ଜିଲ୍ଲା ସିଲଦ ନେସନାଲ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଜାତୀୟ ସେବା ଯୋଜନା ଦିବସ ପାଳିତ ହୋଇଛି। ଜାତୀୟ ସେବା ଯୋଜନା ଅଧିକାରୀ ଜଗନ୍ନାଥ ମେହେରଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷଙ୍କ ସମେତ ଅତିଥିମାନେ ଛାତ୍ରଛାତ୍ରୀମାନଙ୍କୁ ଉଦବୋଧନ ଦେଇ ଗ୍ରାମ୍ୟ ସଫେଇ, ଜନ ସଚେତନତା, ସଡ଼କ ସୁରକ୍ଷା, ବନ ସଂରକ୍ଷଣ, ସ୍ୱାସ୍ଥ୍ୟ ଓ ପରିମଳ ଦିଗରେ କାର୍ଯ୍ୟ କରିବାକୁ ସଂକଳ୍ପ କରାଇଥିଲେ।

## ଯକ୍ଷ୍ମା ପ୍ରତିଷେଧକ ଟିକାକରଣ

**ଢେଙ୍କାନାଳ** ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସଭାଗୃହରେ ଆଜି ଜିଲ୍ଲା ମୁଖ୍ୟ ଚିକିତ୍ସା ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ ତତ୍ତ୍ୱାବଧାନରେ ପ୍ରାପ୍ତ ବୟସ୍କଙ୍କ ନିମନ୍ତେ ଯକ୍ଷ୍ମା ପ୍ରତିଷେଧକ ଟିକାକରଣ ପାଇଁ ବୈଠକ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଚିକିତ୍ସା ଅଧିକାରୀ  ଦିଲ୍ଲୀପ କୁମାର ବିଶ୍ୱାଳ ବୈଠକରେ ଯୋଗଦେଇ ଏହି ଅଭିଯାନର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରିଥିଲେ।

## ବିକାଶ ମେଳା-କବିତା ପାଠୋତ୍ସବ

**ନୂଆପଡା** ଜିଲ୍ଲା ମିନି ଷ୍ଟାଡିୟମରେ ଆୟୋଜିତ ବିକାଶ ମେଳାର ଦ୍ୱିତୀୟ ସନ୍ଧ୍ୟାରେ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ପୌରୋହିତ୍ୟରେ ଏକ ବହୁଭାଷୀ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଛି। ଉତ୍ସବରେ ଜିଲ୍ଲାପାଳଙ୍କ ସମେତ ୩୯ ଜଣ କବି ସ୍ୱରଚିତ କବିତା ପାଠ କରିଥିଲେ।

## ଭାଗବତ ନନ୍ଦ ଶ୍ରାଦ୍ଧବାର୍ଷିକୀ

**ଦେବଗଡ** ଜିଲ୍ଲା ସାମ୍ବାଦିକ ସଂଘ ଓ ଭାଗବତ ନନ୍ଦ ସ୍ମୃତି କମିଟିର ମିଳିତ ଆନୁକୂଲ୍ୟରେ ସେଣ୍ଟର ଫର କଲଚରଠାରେ ସମାଜସେବୀ ଭାଗବତ ପ୍ରସାଦ ନନ୍ଦଙ୍କ ଚତୁର୍ଥ ଶ୍ରାଦ୍ଧବାର୍ଷିକୀ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଯୋଗଦେଇଥିଲେ ।

## ପାଣିପାଗ

କେନ୍ଦ୍ରୀୟ ବଙ୍ଗୋପସାଗରରେ ସୃଷ୍ଟ ଘୂର୍ଣ୍ଣିବଳୟ ପ୍ରଭାବରେ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗର ଏବଂ ତତ୍‌ସଂଲଗ୍ନ ଉତ୍ତର ପଶ୍ଚିମ ବଙ୍ଗୋପସାଗରର ଉତ୍ତର ଆନ୍ଧ୍ର ଓ ଦକ୍ଷିଣ ଓଡ଼ିଶା ଉପକୂଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି । ଏହାର ପ୍ରଭାବରେ ଆଗାମୀ ୩ ଦିନ ପର୍ଯ୍ୟନ୍ତ ରାଜ୍ୟର କେତେକ ଅଂଚଳରେ ବର୍ଷା ସମ୍ଭାବନା ରହିଛି ବୋଲି ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ସୂଚନା ଦେଇଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ପ୍ରବଳ ବର୍ଷା ଏବଂ ବଜ୍ରପାତ ନେଇ ୨୦ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି ।

ଅପରପକ୍ଷରେ, ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ବିଭିନ୍ନ ଅଂଚଳରେ ବର୍ଷା ହୋଇଯାଇଛି । ଯାଜପୁର ଜିଲ୍ଲା ବିଞ୍ଝାରପୁରରେ ସର୍ବାଧିକ ୧୦୫ ମିଲିମିଟର ବର୍ଷା ରେକର୍ଡ କରାଯାଇଛି ।

## ହୀରାକୁଦ

ହୀରାକୁଦ ଜଳଭଣ୍ଡାରରେ ଜଳସ୍ତର ଆଜି ସର୍ବୋଚ୍ଚ ସୀମା ଛୁଇଁଛି। ଜଳଭଣ୍ଡାରରେ ସର୍ବୋଚ୍ଚ ଜଳଧାରଣ କ୍ଷମତା ୬୩୦ ଫୁଟ ରହିଛି। ଉପରମୁଣ୍ଡରେ ବର୍ଷା ଯୋଗୁଁ ଜଳଭଣ୍ଡାରକୁ  ପ୍ରତିସେକେଣ୍ଡରେ ୩୫ ହଜାର ୧୨୯ ଘନଫୁଟ ଜଳ ପ୍ରବେଶ କରୁଛି। ଏହାକୁ ଦୃଷ୍ଟିରେ ରଖି ଆଜି ଅପରାହ୍ଣରେ ନଦୀବନ୍ଧର ଗୋଟିଏ ଗେଟ୍ ଖୋଲାଯାଇ ଜଳ ନିଷ୍କାସନ କରାଯାଉଛି।

*********************************